



## “ସହଯୋଗ ମାଧ୍ୟମରେ ସମୃଦ୍ଧି”
## ବଡ଼ ପଦକ୍ଷେପ ସମବାୟ ମନ୍ତ୍ରଣାଳୟର
## ୬ ଜୁଲାଇ ୨୦୨୧ - ୧୪ଜୁନ୍ ୨୦୨୩

### କ)   ପ୍ରାଥମିକ କୃଷି ସମବାୟ ସମିତିର ଅର୍ଥନୈତିକ ସୁଦୃଢୀକରଣ

### ୧.   ପ୍ରାଥମିକ କୃଷି ସମବାୟ ସମିତି ବହୁମୁଖୀ କରିବା ପାଇଁ ମଡେଲ୍ ଉପବିଧି ।

ସମବାୟ ମନ୍ତ୍ରଣାଳୟ ଦ୍ୱାରା ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ, ଜାତୀୟ ମହାସଂଘ ଏବଂ ଅନ୍ୟ ଅଂଶୀଦାରଙ୍କ ସହ ପରାମର୍ଶ ପରେ ପ୍ରାଥମିକ କୃଷି ସମବାୟ ସମିତି ପାଇଁ ମଡେଲ୍ ଉପବିଧି ପ୍ରସ୍ତୁତ କରାଯାଇଥିଲା  ଏବଂ ଏହାକୁ ୫ ଜାନୁଆରୀ ୨୦୨୩ରେ ପ୍ରସାରିତ କରାଯାଇଥିଲା । ଏହାଦ୍ୱାରା ପ୍ରାଥମିକ କୃଷି ସମବାୟ ସମିତି /ଲ୍ୟାମ୍ପସ୍‌ର ଆୟର ଉତ୍ସ ବୃଦ୍ଧି ପାଇବ ଏବଂ ଦୁଗ୍ଧ, ମତ୍ସ୍ୟଚାଷ, ସଂରକ୍ଷଣ ଇତ୍ୟାଦି ଭଳି ୨୫ ରୁ ଅଧିକ ନୂତନ କ୍ଷେତ୍ରରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ବର୍ତ୍ତମାନ ସୁଦ୍ଧା ୨୩ଟି ରାଜ୍ୟ / କେନ୍ଦ୍ର ଶାସିତ ଅଞ୍ଚଳ ମଡ଼େଲ ଉପବିଧିକୁ ଗ୍ରହଣ କରିଛନ୍ତି ଏବଂ ଅନ୍ୟ ରାଜ୍ୟଗୁଡ଼ିକ ଦ୍ୱାରା ଗ୍ରହଣ କାର୍ଯ୍ୟ ପ୍ରଗତି ପଥରେ ଅଛି।

**୨. କମ୍ପ୍ୟୁଟରୀକରଣ ମାଧ୍ୟମରେ ପ୍ରାଥମିକ କୃଷି ସମବାୟ ସମିତିକୁ ସୁଦୃଢ କରିବା**

ଗୋଟିଏ ଜାତୀୟ ସଫ୍ଟୱେୟାର ନେଟ୍‌ୱାର୍କ ମାଧ୍ୟମରେ ନାବାର୍ଡ ସହ ମୋଟ୍ ୬୩୦୦ କାର୍ଯ୍ୟକ୍ଷମ ପ୍ରାଥମିକ କୃଷି ସମବାୟ ସମିତି / ବୃହଦାକାର କୃଷି ବହୁମୁଖୀ ସମବାୟ ସମିତି ସଂଯୋଗ କରାଯାଉଛି । ବର୍ତ୍ତମାନ ସୁଦ୍ଧା ୨୪ଟି ରାଜ୍ୟ ଓ ୪ଟି କେନ୍ଦ୍ର ଶାସିତ ଅଞ୍ଚଳରୁ ସମୁଦାୟ ୫୮,୩୮୩ ଟି ପ୍ରାଥମିକ କୃଷି ସମବାୟ ସମିତି କମ୍ପ୍ୟୁଟରୀକରଣ ପାଇଁ ପ୍ରସ୍ତାବ ଆସିଛି । ଏଥିପାଇଁ ହାର୍ଡୱେୟାର କ୍ରୟ, ଡିଜିଟାଇଜେସନ୍ ଏବଂ ସପୋର୍ଟ ସିଷ୍ଟମ ସ୍ଥାପନ ପାଇଁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ମୋଟ୍ ୪୩୭.୧୭ କୋଟି ଟଙ୍କା ପ୍ରଦାନ କରିଛନ୍ତି । ନାବାର୍ଡ ପକ୍ଷରୁ ଜାତୀୟ ସମନ୍ୱିତ ସଫ୍ଟୱେୟାର ପ୍ରସ୍ତୁତ କରାଯାଇଛି । ରାଜ୍ୟଗୁଡ଼ିକ ଦ୍ୱାରା ହାର୍ଡୱେୟାର କ୍ରୟ ଏବଂ ସିଷ୍ଟମ ଇଣ୍ଟିଗ୍ରେଟର ଚୂଡାନ୍ତ କରିବା ପରେ କମ୍ପ୍ୟୁଟରୀକରଣ ଆରମ୍ଭ ହେବ । ଏହି ପଦକ୍ଷେପ ଦ୍ୱାରା ପ୍ରାଥମିକ କୃଷି ସମବାୟ ସମିତିରେ ଦକ୍ଷତା ଏବଂ ସ୍ୱଚ୍ଛତା ବୃଦ୍ଧି ପାଇବ ।

**୩. ପ୍ରତି ପଞ୍ଚାୟତ / ଗ୍ରାମରେ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତି / ଦୁଗ୍ଧ / ମତ୍ସ୍ୟ ସମବାୟ ସମିତି (୨ ଲକ୍ଷ ନୂତନ ସମିତି) ପ୍ରତିଷ୍ଠା**

ଫେବୃଆରୀ ୧୫, ୨୦୨୩ରେ କ୍ୟାବିନେଟ୍ ଦ୍ୱାରା ଅନୁମୋଦନ ପ୍ରାପ୍ତ ଏହି ଯୋଜନାରେ ଆସନ୍ତା ୫ ବର୍ଷ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ନଥିବା ପଞ୍ଚାୟତ / ଗ୍ରାମରେ ୨ ଲକ୍ଷ ନୂତନ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତି / ଦୁଗ୍ଧ / ମତ୍ସ୍ୟ ସମବାୟ ସମିତି ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହା ଅଧୀନରେ ଭାରତ ସରକାରଙ୍କ ବିଭିନ୍ନ ଯୋଜନାକୁ ପ୍ରାଥମିକ ସମବାୟ ସମିତି ସ୍ତରରେ ଏକାଠି କରାଯିବ । ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ଆନ୍ତଃମନ୍ତ୍ରଣାଳୟ କମିଟି, ଜାତୀୟ ସ୍ତରୀୟ ସମନ୍ୱୟ କମିଟି, ରାଜ୍ୟସ୍ତରୀୟ ସମବାୟ ଉନ୍ନୟନ କମିଟି ଓ ଜିଲ୍ଲାସ୍ତରୀୟ ସମବାୟ ଉନ୍ନୟନ କମିଟି ଗଠନ କରାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ସହ ବୈଠକ କରାଯାଉଛି । ନାବାର୍ଡ଼, ଏନ୍‌ଡିଡିବି ଏବଂ ଏନ୍‌ଏଫ୍‌ଡିବି ଦ୍ୱାରା ନୂତନ ସୋସାଇଟି ପ୍ରତିଷ୍ଠା ସମ୍ବନ୍ଧୀୟ

କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି ଏବଂ ଏହି ଯୋଜନା ଉପରେ କାର୍ଯ୍ୟ ଆରମ୍ଭ ହୋଇସାରିଛି ।

**୪. ସମବାୟ କ୍ଷେତ୍ରରେ ବିଶ୍ୱର ସର୍ବବୃହତ୍ତ ବିକେନ୍ଦ୍ରୀକୃତ ଶସ୍ୟ ସଂରକ୍ଷଣ କାର୍ଯ୍ୟକ୍ରମ ଖାଦ୍ୟ ନିରାପତ୍ତା ସୁନିଶ୍ଚିନ୍ତତା ।**

ମେ ୩୧, ୨୦୨୩ରେ କ୍ୟାବିନେଟ୍ ଦ୍ୱାରା ଅନୁମୋଦନ ପ୍ରାପ୍ତ ଏହି ଯୋଜନା ଅଧୀନରେ ବିଭିନ୍ନ ପ୍ରକାରର କୃଷି ଭିତ୍ତିଭୂମି ଯଥା ଗୋଦାମ, କଷ୍ଟମ୍ ହାୟାରିଂ ସେଣ୍ଟର, ପ୍ରକ୍ରିୟାକରଣ ୟୁନିଟ୍, ସୁଲଭ୍ ମୂଲ୍ୟ ଦୋକାନ ଇତ୍ୟାଦି, ପ୍ରାଥମିକ କୃଷି ସମବାୟ ସମିତି ସ୍ତରରେ ଭାରତ ସରକାରଙ୍କ ବିଭିନ୍ନ ଯୋଜନାର ସମନ୍ୱୟ ଦ୍ୱାରା ସୃଷ୍ଟି ହେବ । ଏହି ଯୋଜନା ଦେଶର ଖାଦ୍ୟ ନିରାପ  । ସୁନିଶ୍ଚିତ କରିବ, ଖାଦ୍ୟଶସ୍ୟର ଅପଚୟ ହ୍ରାସ କରିବ, କୃଷକ ମାନଙ୍କୁ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ଉନ୍ନତ ମୂଲ୍ୟ ପ୍ରଦାନ କରିବ ଏବଂ ପ୍ରାଥମିକ କୃଷି ସମବାୟ ସମିତି ସ୍ତରରେ ହିଁ ବିଭିନ୍ନ କୃଷି ଆବଶ୍ୟକତା ପୂରଣ କରିବ । ଏହି ଯୋଜନାର କାର୍ଯ୍ୟକାରିତା ଏକ ପାଇଲଟ୍ ପ୍ରୋଜେକ୍ଟ ମାଧ୍ୟମରେ ରାଜ୍ୟମାନଙ୍କ ସହଯୋଗରେ ଆରମ୍ଭ କରାଯାଉଛି ଏବଂ ଆନ୍ତଃ ମନ୍ତ୍ରଣାଳୟ କମିଟି, ଜାତୀୟସ୍ତରୀୟ ସମନ୍ୱୟ କମିଟି, ରାଜ୍ୟସ୍ତରୀୟ ସମନ୍ୱୟ କମିଟି, ରାଜ୍ୟସ୍ତରୀୟ ସମବାୟ ଉନ୍ନୟନ କମିଟି ଏବଂ ଜିଲ୍ଲାସ୍ତରୀୟ ସମବାୟ ଉନ୍ନୟନ କମିଟି ଦ୍ୱାରା ସମନ୍ୱିତ ହେବ ।

**୫. ଇ-ସେବାରେ ଉନ୍ନତ ଉପଲବ୍ଧତା ପାଇଁ ପ୍ରାଥମିକ କୃଷି ସମବାୟ ସମିତି  ସାଧାରଣ ସେବା କେନ୍ଦ୍ର (ସି.ଏସ୍.ସି)**

ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ସି.ଏସ୍.ସି. ସେବା ଯୋଗାଇ ଦେବା ପାଇଁ ସମବାୟ ମନ୍ତ୍ରଣାଳୟ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ, ନାବାର୍ଡ ଏବଂ ସିଏସ୍‌ସି ଇ-ଗଭର୍ଣ୍ଣାନ୍ସ ସର୍ଭିସେସ୍ ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ୦୨.୦୨.୨୦୨୩ରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି, ଯାହା ପରେ ସିଏସସି ଦ୍ୱାରା ପ୍ରଦାନ କରାଯାଉଥିବା ୩୦୦ ରୁ ଅଧିକ ଇ-ସେବା ମଧ୍ୟ ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା ପ୍ରଦାନ କରାଯିବ । ବର୍ତ୍ତମାନ ସୁଦ୍ଧା ୧୫,୦୦୦ ରୁ ଅଧିକ ପ୍ରାଥମିକ କୃଷି ସମବାୟ ସମିତି  ସିଏସସି ଭାବେ ନିଯୁକ୍ତ କରାଯାଇଛି ଏବଂ ଅନ୍ୟ ପ୍ରାଥମିକ କୃଷି ସମବାୟ ସମିତି  ଅନବୋର୍ଡିଂ କାର୍ଯ୍ୟ ମଧ୍ୟ ଚାଲିଛି । ସିଏସସି - ଏସପିଭି ଏବଂ ନାବାର୍ଡ ଦ୍ୱାରା ଅନବୋର୍ଡ ପ୍ରାଥମିକ କୃଷି ସମବାୟ ସମିତିଙ୍କୁ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଉଛି ।

## ୬. ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା ନୂତନ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ)ର ଗଠନ

ଏଫ୍‌ପିଓ ସ୍କିମ୍ ଅଧୀନରେ ସମବାୟ କ୍ଷେତ୍ରରେ ଜାତୀୟ ସମବାୟ ଉନ୍ନୟନ ନିଗମ (ଏନ୍‌ସିଡିସି) ଅତିରିକ୍ତ ୧୧୦୦ ଏଫ୍‌ପିଓ ଆବଣ୍ଟନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏଣିକି ପ୍ରାଥମିକ କୃଷି ସମବାୟ ସମିତି ଏଫ୍‌ପିଓ ଭାବେ କୃଷି ସହ ଜଡ଼ିତ ଅନ୍ୟାନ୍ୟ ଅର୍ଥନୈତିକ କାର୍ଯ୍ୟ କରିପାରିବ । ସମବାୟ ସମିତିର ସଦସ୍ୟମାନଙ୍କୁ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ୍ ଏବଂ ଲାଭଦାୟକ ମୂଲ୍ୟ ପାଇବା ପାଇଁ ଆବଶ୍ୟକ ବଜାର ସଂଯୋଗ ପ୍ରଦାନ କରିବାରେ ମଧ୍ୟ ଏହି ପଦକ୍ଷେପ ସହାୟକ ହେବ ।

## ୭. ଏଲିପିଜି ବିତରକ ପଦ ପାଇଁ ପ୍ରାଥମିକ କୃଷି ସମବାୟ ସମିତିର ଆବଶ୍ୟକ ଯୋଗ୍ୟତା

ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ନିୟମରେ ସଂଶୋଧନ କରି ପ୍ରାଥମିକ କୃଷି ସମବାୟ ସମିତି  ଏଲପିଜି ଡିଷ୍ଟ୍ରିବ୍ୟୁଟରସିପ୍ ପାଇଁ ଯୋଗ୍ୟ କରିବା ପରେ ପିଏସିଏସ ମଧ୍ୟ ଏଲପିଜି ବିତରଣ କରିବାକୁ ସକ୍ଷମ ହେବ । ଏହାଦ୍ୱାରା ପ୍ରାଥମିକ କୃଷି ସମବାୟ ସମିତି ସେମାନଙ୍କର ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି କରିବା ଏବଂ ଗ୍ରାମାଞ୍ଚଳରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ବିକଳ୍ପ ମିଳିବ ।

## ୮. ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା ପରିଚାଳିତ ସ୍ଥୁଳ ଉପଭୋକ୍ତା ପେଟ୍ରୋଲ୍ ପମ୍ପକୁ ଖୁଚୁରା ଦୋକାନରେ ରୂପାନ୍ତରିତ କରିବାକୁ ଅନୁମତି :

ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ବର୍ତ୍ତମାନର ସ୍ଥୁଳ ଖାଉଟି ଲାଇସେନ୍ସପ୍ରାପ୍ତ ପ୍ରାଥମିକ କୃଷି ସମବାୟ ସମିତି ଗୁଡ଼ିକୁ ଖୁଚୁରା ଦୋକାନରେ ପରିଣତ କରିବାକୁ ରାଜି ହୋଇଛି । ନୂଆ ପେଟ୍ରୋଲ୍ ପମ୍ପ ଡିଲରସିପ୍ ପାଇଁ ପ୍ରାଥମିକ କୃଷି ସମବାୟ ସମିତିକୁ ପ୍ରାଥମିକତା ଦିଆଯିବ, ଏହି ବ୍ୟବସ୍ଥା ଗୁଡ଼ିକ ପ୍ରାଥମିକ କୃଷି ସମବାୟ ସମିତିର  ଲାଭ ବୃଦ୍ଧି କରିବା ସହ ଗ୍ରାମାଞ୍ଚଳରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।

## ୯. ଗ୍ରାମୀଣ ସ୍ତରରେ ଜେନେରିକ୍ ଔଷଧ ଉପଲବ୍ଧ କରାଇବା ପାଇଁ ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା ଜନ ଔଷଧି କେନ୍ଦ୍ର ଖୋଲିବ ।

ମାନ୍ୟବର ଗୃହ ଓ ସମବାୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ମାନ୍ୟବର ରସାୟନ ଓ ସାର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜୁନ୍ ୬,୨୦୨୩ରେ ଅନୁଷ୍ଠିତ ଏକ ବୈଠକରେ ୨୦୨୩ ଅଗଷ୍ଟ ସୁଦ୍ଧା ୧୦୦୦ ଜନ ଔଷଧି କେନ୍ଦ୍ର ଏବଂ ୨୦୨୩ ଡିସେମ୍ବର ସୁଦ୍ଧା ଚିହ୍ନଟ ହୋଇଥିବା ପ୍ରାଥମିକ କୃଷି ସମବାୟ ସମିତିରେ  ୨୦୦୦ ଜନଔଷଧି କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏହି ପଦକ୍ଷେପ ଦ୍ୱାରା ରାଜ୍ୟରେ ସାଧାରଣ ଲୋକଙ୍କ ପାଇଁ ଶସ୍ତା ଜେନେରିକ୍ ଔଷଧ ଉପଲବ୍ଧ ହେବ ଏବଂ ଗ୍ରାମ / ବ୍ଲକ ସ୍ତର ଓ ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା ଅତିରିକ୍ତ ନିଯୁକ୍ତି ସୁଯୋଗ ମିଳିବ । ଇଚ୍ଛୁକ ପ୍ରାଥମିକ କୃଷି ସମବାୟ ସମିତି ଚିହ୍ନଟ କରି ରାଜ୍ୟ ସରକାର ଅନଲାଇନ୍‌ରେ ଆବେଦନ କରିବା ପାଇଁ ପ୍ରୋତ୍ସାହିତ କରିବେ ।

## ୧୦. ସାର ବିତରଣ କେନ୍ଦ୍ର ଭାବେ ପ୍ରାଥମିକ କୃଷି ସମବାୟ ସମିତି

ମାନ୍ୟବର ଗୃହ ବ୍ୟାପାର ଏବଂ ମାନ୍ୟବର ରସାୟନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜୁନ୍ ୦୬, ୨୦୨୩ରେ ଅନୁଷ୍ଠିତ ଏକ ବୈଠକରେ କାର୍ଯ୍ୟକ୍ଷମ ପ୍ରାଥମିକ କୃଷି ସମବାୟ ସମିତି ସାର ଖୁଚୁରା ବିକ୍ରେତା, ପ୍ରଧାନମନ୍ତ୍ରୀ କିଷାନ ସମୃଦ୍ଧି କେନ୍ଦ୍ର (ପି.ଏମ୍.କେ.ଏସ୍.କେ.) ଏବଂ ଡ୍ରୋନ୍ ଉଦ୍ୟୋଗୀ ଭାବରେ ସାର ଏବଂ କୀଟନାଶକ ସିଞ୍ଚନ ପାଇଁ କାର୍ଯ୍ୟ କରିବା ପାଇଁ ଯୋଗ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି । ସମ୍ପତ୍ତି ସର୍ବେକ୍ଷଣ ପାଇଁ ମଧ୍ୟ ଏହି ଡ୍ରୋନ୍ ବ୍ୟବହାର କରାଯାଇପାରିବ । ଏହି ପଦକ୍ଷେପ ଦ୍ୱାରା ପ୍ରାଥମିକ କୃଷି ସମବାୟ ସମିତି ସ୍ତରରେ କୃଷକମାନଙ୍କୁ ସାର ଉପଲବ୍ଧ ହେବ ଏବଂ ପ୍ରାଥମିକ କୃଷି ସମବାୟ ସମିତି ରେ ନୂତନ ବ୍ୟବସାୟ ସୁଯୋଗ ସୃଷ୍ଟି ହେବ ।

## ୧୧. ପ୍ରାଥମିକ କୃଷି ସମବାୟ ସମିତି ସ୍ତରରେ ପିଏମ୍-କୁସୁମ ଯୋଜନାର ସମନ୍ୱୟ

୧୩ କୋଟି କୃଷକ ସଭ୍ୟଙ୍କ ସହ ସିଧାସଳଖ ସମ୍ପର୍କ ଥିବା ପ୍ରାଥମିକ କୃଷି ସମବାୟ ସମିତି  ଢାଞ୍ଚା ଓ ପଦ୍ଧତିକୁ ପଞ୍ଚାୟତ ସ୍ତରରେ ବିକେନ୍ଦ୍ରୀକୃତ ସୌର ଶକ୍ତି ପ୍ଲାଣ୍ଟ ସ୍ଥାପନ ପାଇଁ ଉପଯୋଗ କରାଯାଇପାରିବ । ଏହାଦ୍ୱାରା ପ୍ରାଥମିକ

କୃଷି ସମବାୟ ସମିତି ସହ ଜଡ଼ିତ କୃଷକମାନେ କୃଷି ଡିଜେଲ୍ ପମ୍ପବଦଳରେ ସୌର କୃଷି ଜଳ ପମ୍ପ ଲଗାଇପାରିବେ ଏବଂ ସେମାନଙ୍କ ଜମିର ପରିସରରେ ଫଟୋଭୋଲ୍ଟାଇକ୍ ମଡ୍ୟୁଲ୍ ସ୍ଥାପନ କରି ସେମାନଙ୍କ ଶକ୍ତି ନିରାପତ୍ତା ସୁନିଶ୍ଚିତ କରିପାରିବେ, ଯାହାଦ୍ୱାରା ଏହି ଯୋଜନାର ପହଞ୍ଚକୁ ଶେଷ ମାଇଲ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ । ଏହାବ୍ୟତୀତ ପ୍ରାଥମିକ କୃଷି ସମବାୟ ସମିତି ଏବଂ ଏହାର ସଦସ୍ୟ କୃଷକମାନେ ବିକଳ୍ପ ଆୟର ଉତ୍ସ ପାଇବେ । ସମବାୟ ମନ୍ତ୍ରଣାଳୟ ପକ୍ଷରୁ ଏକ କନସେପ୍ଟ ନୋଟ୍ ପ୍ରସ୍ତୁତ କରାଯାଇ ଏହି ବିଷୟରେ ଏମ୍ଏନ୍ଆରଇକୁ ପଠାଯାଇଛି ଏବଂ ଏହି ବିଷୟରେ ସମବାୟ ସଚିବଙ୍କ ବୈଠକ ନୂତନ ଏବଂ (ଅକ୍ଷୟ ଶକ୍ତି ମନ୍ତ୍ରୀ)ଙ୍କ ସହ ଗଠିତ ହୋଇଯାଇଅଛି ।

## (ଖ) ସମବାୟ ସମିତି ପାଇଁ ଆୟକର ଆଇନ୍‌ରେ ରିହାତି

### ୧୨. ସମବାୟ ସମିତି ଗୁଡ଼ିକ ପାଇଁ ଆୟକର ଉପରେ ସରଚାର୍ଜ ହ୍ରାସ

୧ କୋଟିରୁ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ସମବାୟ ସମିତିଗୁଡ଼ିକ ପାଇଁ ଆୟକର ଉପରେ ସରଚାର୍ଜ ୧୨% ରୁ ୭%କୁ ହ୍ରାସ କରାଯାଇଛି । ଏହାଦ୍ୱାରା ସମବାୟ ସମିତି ଉପରେ ଆୟକରର ବୋଝ ହ୍ରାସ ପାଇବ ଏବଂ ସଦସ୍ୟମାନଙ୍କ ସୁବିଧା ପାଇଁ କାର୍ଯ୍ୟ କରିବା ପାଇଁ ସୋସାଇଟିମାନଙ୍କ ପାଖରେ ଅଧିକ ପୁଞ୍ଜି ଉପଲବ୍ଧ ହେବ ।

### ୧୩. ସମବାୟ ସମିତି ଉପରେ ସର୍ବନିମ୍ନ ବିକଳ୍ପ ଟିକସ (ଏମ୍ଏଟି) ହ୍ରାସ

ସମବାୟ ସମିତି ପାଇଁ ସର୍ବନିମ୍ନ ବିକଳ୍ପ ଟିକସ ହାର ୧୮.୫% ରୁ ୧୫%କୁ ହ୍ରାସ କରାଯାଇଛି । ଏହି ବ୍ୟବସ୍ଥା ଦ୍ୱାରା ଏବେ ସମବାୟ ସମିତି ଓ କମ୍ପାନୀ ମଧ୍ୟରେ ଏ ଦିଗରେ ସମାନତା ଦେଖାଦେଇଛି । ଏହା ଦ୍ୱାରା ସମବାୟ ସମିତି ସୁଦୃଢ଼ ହେବା ସହ ସମବାୟ କ୍ଷେତ୍ରରେ ସମ୍ପ୍ରସାରଣ ହେବ ।

### ୧୪. ପ୍ରାଥମିକ କୃଷି ସମବାୟ ସମିତି ଏବଂ ପ୍ରାଥମିକ କୃଷି ସମବାୟ ସମିତି ଏବଂ ପ୍ରାଥମିକ ସମବାୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (PCARDB) ଦ୍ୱାରା ନଗଦ ଜମା ଏବଂ ନଗଦ ଋଣସୀମା ବୃଦ୍ଧି

ପ୍ରାଥମିକ କୃଷି ସମବାୟ ସମିତି ଏବଂ ପ୍ରାଥମିକ ସମବାୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କର ଦ୍ୱାରା ନଗଦ ଜମା ଏବଂ ନଗଦ ଋଣର ସୀମା ସଦସ୍ୟ ପିଛା

ମୂଲ୍ୟ ୨୦ ହଜାର ଟଙ୍କାରୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହି ବ୍ୟବସ୍ଥା ସେମାନଙ୍କ କାର୍ଯ୍ୟକଳାପକୁ ସୁଗମ କରିବ, ସେମାନଙ୍କ ବ୍ୟବସାୟ ବୃଦ୍ଧି କରିବ ଏବଂ ସମାଜର ସଦସ୍ୟମାନେ ଉପକୃତ ହେବେ ।

**୧୫. ନୂଆ ଉତ୍ପାଦନ ସମବାୟ ସମିତି ପାଇଁ ଟିକସ ହ୍ରାସ**

୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ଉତ୍ପାଦନ କାର୍ଯ୍ୟ ଆରମ୍ଭ କରୁଥିବା ନୂତନ ଉତ୍ପାଦନ ସମବାୟ ସମିତିଗୁଡ଼ିକ ଉପରେ ୧୫% ଫ୍ଲାଟ୍ ହାରରେ ଟିକସ ଆଦାୟ କରାଯିବ, ଯାହା କି ସରଚାର୍ଜ ସହିତ ବର୍ତ୍ତମାନର ୩୦% ପର୍ଯ୍ୟନ୍ତ ଟିକସ ହାର ରହିଛି । ଏହି ବ୍ୟବସ୍ଥା ପରେ ଏବେ ସମବାୟ ସମିତି ଓ କମ୍ପାନୀ ମଧ୍ୟରେ ଏ ଦିଗରେ ସମାନତା ଦେଖାଦେଇଛି । ଏହାଦ୍ୱାରା ଉତ୍ପାଦନ କ୍ଷେତ୍ରରେ ନୂତନ ସମବାୟ ସମିତି ଗଠନକୁ ପ୍ରୋତ୍ସାହନ ମିଳିବ ।

**୧୬. ନଗଦ ଉଠାଣରେ "ଉତ୍ସରେ ଟିକସ କଟା" (ଟିଡିଏସ୍) ସୀମା ବୃଦ୍ଧି**

କେନ୍ଦ୍ର ବଜେଟ୍ ୨୦୨୩-୨୪ ଜରିଆରେ ସମବାୟ ସମିତିଗୁଡ଼ିକର "ଉତ୍ସରେ ଟିକସ କାଟ ନ କରି" ନଗଦ ଉଠାଣ ସୀମାକୁ ବାର୍ଷିକ ୧ କୋଟି ଟଙ୍କାରୁ ୩ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଏହି ବ୍ୟବସ୍ଥା ଦ୍ୱାରା ସମବାୟ ସମିତିଗୁଡ଼ିକ ପାଇଁ "ଉତ୍ସରେ ଟିକସ କଟା" (ଟିଡିଏସ୍) ସଞ୍ଚୟ ହେବ, ଯାହାକୁ ସେମାନେ ସେମାନଙ୍କ ସଦସ୍ୟଙ୍କ ସୁବିଧା ପାଇଁ କାର୍ଯ୍ୟ କରିବାକୁ ବ୍ୟବହାର କରିବାକୁ ସମର୍ଥ ହେବେ ।

**୧୭. ଆୟକର ଆଇନର ଧାରା ୨୬୯ ଏସଟି ଅନୁଯାୟୀ ନଗଦ କାରବାରରେ ରିହାତି**

ସମବାୟ ସମିତିଗୁଡ଼ିକ ପୂର୍ବରୁ ସେମାନଙ୍କ ବିତରକମାନଙ୍କ ସହ 'ଚୁକ୍ତି'କୁ 'ଗୋଟିଏ ଇଭେଣ୍ଟ' ଭାବରେ ବିବେଚନା କରୁଥିଲେ ଏବଂ ସମଗ୍ର ବର୍ଷରେ ସେହି ବିତରକଙ୍କ ସହିତ ସମସ୍ତ କାରବାରରେ ଯଦି ନଗଦ ରାଶି ଦୁଇ ଲକ୍ଷ ଟଙ୍କାରୁ ଅଧିକ ହୁଏ, ତେବେ ଏହାକୁ ଟିକସଯୋଗ୍ୟ ବୋଲି ବିବେଚନା କରାଯାଉଥିଲା ଏବଂ ଏହା ଉପରେ ଆୟକର ଜୋରିମାନା ଆଦାୟ କରାଯାଉଥିଲା । ଆୟକର ବିଭାଗ ଏକ ସର୍କୁଲାର ଜାରି କରି ସ୍ପଷ୍ଟ କରିଛି ଯେ, ବର୍ତ୍ତମାନ ସମବାୟ ସମିତିଗୁଡ଼ିକ ସେମାନଙ୍କ ବିତରକମାନଙ୍କ ସହିତ କରିଥିବା ପ୍ରତି କାରବାର

ନଗଦ ରାଶି ଦୁଇ ଲକ୍ଷରର ଅଧିକକୁ ଅଲଗା ଗ୍ରହଣ କରିଥିବା 'ଚୁକ୍ତି'କୁ 'ଏକ କାର୍ଯ୍ୟକ୍ରମ' ଭାବରେ ବିବେଚନା କରାଯିବ ନାହିଁ । ଏହି ସ୍ପଷ୍ଟିକରଣ ସହିତ ସମବାୟ ସମିତିଗୁଡ଼ିକ ସେମାନଙ୍କଠାରୁ ଆୟକର ଜୋରିମାନା ଆଦାୟ କରାଯିବ ନାହିଁ । ଏହାଦ୍ୱାରା ରାଜ୍ୟ ଓ ଜିଲ୍ଲା ଦୁଗ୍ଧ ସଂଘ ଗୁଡ଼ିକ ଏବେ ବ୍ୟାଙ୍କ ଛୁଟି ସମୟରେ ସେମାନଙ୍କ ବିତରକମାନଙ୍କଠାରୁ ନଗଦ ଅର୍ଥ ଗ୍ରହଣ କରି ସଦସ୍ୟ ଦୁଗ୍ଧ ଉତ୍ପାଦକମାନଙ୍କୁ ନଗଦ ଅର୍ଥ ପ୍ରଦାନ କରିପାରିବେ ।

## (ଗ) ସମବାୟ ବ୍ୟାଙ୍କଗୁଡ଼ିକ ସମ୍ମୁଖୀନ ହେଉଥିବା ଅସୁବିଧାର ସମାଧାନ

୧୮. ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ (ୟୁସିବି) ଏବେ ନିଜର ବ୍ୟବସାୟ ବିସ୍ତାର ପାଇଁ ନୂଆ ଶାଖା ଖୋଲିପାରିବେ ।

୧୯. ୟୁସିବି ଗୁଡ଼ିକ ମଧ୍ୟ ବାଣିଜ୍ୟିକ ବ୍ୟାଙ୍କ ଭଳି ବକେୟା ଋଣର ଏକକାଳୀନ ସମାଧାନ କରିପାରିବେ ।

୨୦. ୟୁସିବି ଗୁଡ଼ିକ ଦିଆଯାଇଥିବା ପ୍ରାଥମିକତା କ୍ଷେତ୍ର ଋଣ (ପିଏସ୍ଏଲ୍) ଲକ୍ଷ୍ୟ ହାସଲ କରିବା ପାଇଁ ଅତିରିକ୍ତ ସମୟ ସୀମା ଦିଆଯାଇଛି ।

୨୧. ୟୁସିବି ସହିତ ନିୟମିତ ଯୋଗାଯୋଗ ପାଇଁ ଆରବିଆଇରେ ଜଣେ ନୋଡାଲ୍ ଅଫିସ୍ର ନିଯୁକ୍ତ କରାଯାଇଛି ।

୨୨. ଆର.ବି.ଆଇ ୟୁସିବିଗୁଡ଼ିକୁ ସେମାନଙ୍କ ଗ୍ରାହକଙ୍କୁ ଡୋର ଷ୍ଟେପ୍ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବାକୁ ଅନୁମତି ଦେଇଛନ୍ତି ।

୨୩. ଆରବିଆଇ ଗ୍ରାମୀଣ ଏବଂ ସହରାଞ୍ଚଳ ସମବାୟ ବ୍ୟାଙ୍କଗୁଡ଼ିକ ପାଇଁ ବ୍ୟକ୍ତିଗତ ଗୃହ ଋଣ ସୀମା ଦୁଇଗୁଣରୁ ଅଧିକ କରିଛି ।

୨୪. ଗ୍ରାମୀଣ ସମବାୟ ବ୍ୟାଙ୍କଗୁଡ଼ିକ ଏବେ ବାଣିଜ୍ୟିକ ରିଅଲ୍ ଇଷ୍ଟେଟ୍ - ଆବାସିକ ଗୃହ ନିର୍ମାଣ କ୍ଷେତ୍ରକୁ ଋଣ ଦେବାକୁ ସକ୍ଷମ ହେବେ, ଯାହା ଦ୍ୱାରା ସେମାନଙ୍କ ବ୍ୟବସାୟରେ ବିବିଧତା ଆସିବ ।

୨୫. ସମବାୟ ବ୍ୟାଙ୍କଗୁଡ଼ିକୁ ସିଜିଟିଏମଏସଇ ର ସଦସ୍ୟ ଋଣ ପ୍ରଦାନକାରୀ ଅନୁଷ୍ଠାନ (ଏମଏଲଆଇ) ଭାବରେ ଅନ୍ତର୍ଭୁକ୍ତ କରାଯାଇଛି । ଏହାଦ୍ୱାରା ବର୍ତ୍ତମାନ ସଦସ୍ୟ ସମବାୟ ବ୍ୟାଙ୍କ ପ୍ରଦାନ କରାଯାଇଥିବା ଋଣ ଉପରେ ୮୫ ପ୍ରତିଶତ ପର୍ଯ୍ୟନ୍ତ ବିପଦ କଭରେଜର ଲାଭ ଉଠାଇପାରିବେ । ଏହା ସହ ସମବାୟ କ୍ଷେତ୍ରର ଉଦ୍ୟୋଗଗୁଡ଼ିକ ମଧ୍ୟ ସମବାୟ ବ୍ୟାଙ୍କରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ବନ୍ଧକ ମୁକ୍ତ ଋଣ ପାଇପାରିବେ ।

୨୬. ଅତ୍ୟାଧୁନିକ 'ଆଧାର ସକ୍ଷମ ପେମେଣ୍ଟ୍ ସିଷ୍ଟମ' (ଏଇପିଏସ୍) ସହ <u>ଅନ୍ବୋର୍ଡିଂ</u> ସମବାୟ ବ୍ୟାଙ୍କଗୁଡ଼ିକ ପାଇଁ ଲାଇସେନ୍ସ ଶୁଳ୍କକୁ ଟ୍ରାଞ୍ଜାକସନ୍ ସଂଖ୍ୟା ସହ ସଂଯୋଗ କରି ହ୍ରାସ କରାଯାଇଛି । ଏହାବ୍ୟତୀତ ସମବାୟ ଆର୍ଥିକ ଅନୁଷ୍ଠାନଗୁଡ଼ିକ ମଧ୍ୟ ପ୍ରାକ୍ ଉତ୍ପାଦନ ପର୍ଯ୍ୟାୟର ପ୍ରଥମ ତିନି ମାସ ପାଇଁ ମାଗଣାରେ ଏହି ସୁବିଧା ପାଇପାରିବେ । ଏହାଦ୍ୱାରା ଚାଷୀମାନେ ନିଜ ଆଙ୍ଗୁଠିଚିହ୍ନ ଜରିଆରେ ନିଜ ଘରେ ବ୍ୟାଙ୍କିଙ୍ଗ୍‌ର ସୁବିଧା ପାଇପାରିବେ ।

## (ଘ) ସମବାୟ ଚିନି କଳର ପୁନରୁଦ୍ଧାର

**୨୭. ସମବାୟ ଚିନି କଳକୁ ଆୟକରରୁ ରିହାତି**

ସମବାୟ ଚିନି କଳଗୁଡ଼ିକୁ କୃଷକମାନଙ୍କୁ ଅଧିକ ଆଖୁ ମୂଲ୍ୟ ପ୍ରଦାନ ଉପରେ ଅତିରିକ୍ତ ଆୟକର (ଯେ ପର୍ଯ୍ୟନ୍ତ ଉଚିତ୍ ଏବଂ ଲାଭଦାୟକ ମୂଲ୍ୟ କିମ୍ବା ରାଜ୍ୟ ସୁପାରିଶ କରାଯାଇଥିବା ମୂଲ୍ୟ ପର୍ଯ୍ୟନ୍ତ) ଦେବାକୁ ପଡ଼ିବ ନାହିଁ । ଏହି ବ୍ୟବସ୍ଥା ଦ୍ୱାରା ସମବାୟ ଚିନି କଳଗୁଡ଼ିକ ଏବେ ସେମାନଙ୍କ ସଦସ୍ୟମାନଙ୍କୁ ଆଖୁର ଅଧିକ ମୂଲ୍ୟ ଦେଇପାରିବେ ଏବଂ ସେମାନେ ଏହି ଅଧିକ ଖର୍ଚ୍ଚ ଉପରେ ଆୟକର ଛାଡ ପାଇପାରିବେ ।

**୨୮. ସମବାୟ ଚିନି କଳର ଆୟକର ସମ୍ବନ୍ଧୀୟ ଦଶନ୍ଧି ପୁରୁଣା ବିଚାରାଧୀନ ସମସ୍ୟାର ସମାଧାନ ।**

କେନ୍ଦ୍ର ବଜେଟ୍ ୨୦୨୩-୨୪ ଜରିଆରେ ସମବାୟ ଚିନିକଳ ଗୁଡ଼ିକ ଦ୍ୱାରା ଆକଳନ ବର୍ଷ ୨୦୧୬-୧୭କୁ ଖର୍ଚ୍ଚ ଭାବେ ଦାବି କରିବାକୁ ଅନୁମତି ମିଳିବା, ପୂର୍ବରୁ ଆଖୁ ଚାଷୀଙ୍କୁ ପ୍ରଦାନ କରାଯାଇଥିବା ଅର୍ଥ ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ସେମାନେ ପାଖାପାଖି ୧୦,୦୦୦ କୋଟି ଟଙ୍କାର ରିଲିଫ୍ ପାଇପାରିବେ, ଯାହାଦ୍ୱାରା ଦଶନ୍ଧି ଧରି ଅଟକି ରହିଥିବା ଆୟକର ସମସ୍ୟାର ସମାଧାନ ହୋଇପାରିବ ।

**୨୯. ସମବାୟ ଚିନି କଳଗୁଡ଼ିକୁ ସୁଦୃଢ କରିବା ପାଇଁ ଏନ୍‌ସିଡିସି ମାଧ୍ୟମରେ ୧୦,୦୦୦ କୋଟି ଟଙ୍କାର ଋଣ ଯୋଜନା**

ସମବାୟ ମନ୍ତ୍ରଣାଳୟ 'ସମବାୟ ଚିନି କଳଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଏନସିଡିସିକୁ ଅନୁଦାନ ନାମକ ଏକ ନୂତନ ଯୋଜନା ଆରମ୍ଭ କରିଛି, ଯାହା ଅଧୀନରେ ଭାରତ ସରକାର ୨୦୨୨-୨୩ ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ଏନସିଡିସିକୁ ୧,୦୦୦ କୋଟି ଟଙ୍କାର ଅନୁଦାନ ଦେବେ । ଏନସିଡିସି ଏହି ଅନୁଦାନକୁ ସମବାୟ ଚିନି କଳଗୁଡ଼ିକୁ ୧୦,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବା ପାଇଁ ବ୍ୟବହାର କରିବ, ଯାହାକୁ ସେମାନେ ଇଥାନଲ ପ୍ଲାଣ୍ଟ ସ୍ଥାପନ କିମ୍ବା କୋ-ଜେନେରେସନ ପ୍ଲାଣ୍ଟ ସ୍ଥାପନ ପାଇଁ କିମ୍ବା କାର୍ଯ୍ୟକାରୀ ପୁଞ୍ଜି ପାଇଁ କିମ୍ବା ଉପରୋକ୍ତ ତିନୋଟି ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ସକ୍ଷମ ହେବେ ।

**୩୦. ସମବାୟ ଚିନି କଳଗୁଡ଼ିକୁ ଇଥାନଲ୍ କ୍ରୟ ଏବଂ କୋଜେନ୍ ପାୱାର ପ୍ଲାଣ୍ଟ ପ୍ରତିଷ୍ଠାରେ ପ୍ରାଥମିକତା**

ଇଥାନଲ ମିଶ୍ରଣ କାର୍ଯକ୍ରମ (ଇବିପି) ଅଧୀନରେ ପେଟ୍ରୋଲିୟମ ମନ୍ତ୍ରଣାଳୟ ଦ୍ୱାରା ଇଥାନଲ୍ କ୍ରୟ ପାଇଁ ସମବାୟ ଚିନିକଳ ଗୁଡ଼ିକୁ ଘରୋଇ କମ୍ପାନୀ ସହିତ ସମକକ୍ଷ କରାଯିବ । ଆଖୁ ବଗାସେରୁ କୋଜେନେରେସନ୍ ପାୱାର ପ୍ଲାଣ୍ଟ ସ୍ଥାପନ କରିବାକୁ ମଧ୍ୟ ଯୋଜନା ରହିଛି । ଏହି ପଦକ୍ଷେପ ଦ୍ୱାରା ସମବାୟ ଚିନି କଳର ବ୍ୟବସାୟ ବିସ୍ତାର ହେବ ଏବଂ ଫଳ ସ୍ୱରୂପ ସେମାନଙ୍କର ଲାଭ ମଧ୍ୟ ବୃଦ୍ଧି ପାଇବ ।

## ଡ଼) ଜାତୀୟ ସ୍ତରରେ ତିନୋଟି ନୂତନ ମଲ୍ଟି-ଷ୍ଟେଟ୍ ସୋସାଇଟି

**୩୧. ରପ୍ତାନି ପାଇଁ ନୂତନ ଜାତୀୟ ସ୍ତରୀୟ ବହୁରାଜ୍ୟ ସମବାୟ ସମିତି**

ବହୁ ରାଜ୍ୟ ସମବାୟ ସମିତି ଅଧିନିୟମ, ୨୦୦୨ ଅଧୀନରେ ସମବାୟ କ୍ଷେତ୍ରରୁ ରପ୍ତାନିକୁ ପ୍ରୋତ୍ସାହନ ଦେବା ପାଇଁ ଏକ ନୂତନ ଜାତୀୟ ସମବାୟ "ଜାତୀୟ ରପ୍ତାନି ଲିମିଟେଡ୍", ଏକ ଅମ୍ବ୍ରେଲା ସଂସ୍ଥା ଭାବରେ ପ୍ରତିଷ୍ଠା କରାଯାଇଛି । ପ୍ରାଥମିକଠାରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ସମବାୟ ସମିତି ସମେତ ଜିଲ୍ଲା, ରାଜ୍ୟ, ଜାତୀୟ ସ୍ତରର ମହାସଂଘ ଓ ବହୁରାଜ୍ୟ ସମବାୟ ସମିତି ଏହାର ସଦସ୍ୟ ହୋଇପାରିବେ । ଏହି ସୋସାଇଟି ଜରିଆରେ କୃଷକଙ୍କ ଉତ୍ପାଦର ରପ୍ତାନୀକୁ ସୁଗମ କରାଯିବ ଏବଂ କୃଷକମାନେ ସେମାନଙ୍କ ଉତ୍ପାଦର ଉତ୍ତମ ମୂଲ୍ୟ ପାଇବେ ।

## ୩୨. ପ୍ରମାଣିତ ବିହନ ପାଇଁ ନୂତନ ଜାତୀୟସ୍ତରୀୟ ବହୁରାଜ୍ୟ ସମବାୟ ସମିତି

ମଲ୍ଟି-ଷ୍ଟେଟ୍ କୋଅପରେଟିଭ୍ ସୋସାଇଟି ଆକ୍ଟ ୨୦୦୨ ଅଧୀନରେ ଗୋଟିଏ ବ୍ରାଣ୍ଡ ନାମ୍‌ରେ ଉନ୍ନତ ବିହନ ଚାଷ, ଉତ୍ପାଦନ ଏବଂ ବିତରଣ ନିମନ୍ତେ ଏକ ନୂତନ "ଭାରତୀୟ ବିଜ ସମବାୟ ସମିତି ଲିମିଟେଡ୍", ଏକ ଅମ୍ବ୍ରେଲା ସଂସ୍ଥା ଭାବରେ ପ୍ରତିଷ୍ଠିତ କରାଯାଇଛି । ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳର ସମବାୟ ସମିତି (ପ୍ରାଥମିକ, ଜିଲ୍ଲା, ରାଜ୍ୟସ୍ତର) ଏହାର ସଦସ୍ୟ ହୋଇପାରିବେ । ଏହି ସମାଜ କୃଷକମାନଙ୍କୁ ଉନ୍ନତ ବିହନର ଉପଲବ୍ଧତା ବୃଦ୍ଧି କରିବ, ଫସଲର ଉତ୍ପାଦକତା ବୃଦ୍ଧି କରିବ ଏବଂ କୃଷକଙ୍କ ଆୟ ବୃଦ୍ଧି କରିବ ।

## ୩୩. ଜୈବିକ କୃଷି ପାଇଁ ନୂତନ ଜାତୀୟସ୍ତରୀୟ ବହୁରାଜ୍ୟ ସମବାୟ ସମିତି

"ଜାତୀୟ ସମବାୟ ଜୈବିକ ଲିମିଟେଡ୍", ମଲ୍ଟିଷ୍ଟେଟ୍ କୋଅପରେଟିଭ୍ ସୋସାଇଟି ଆକ୍ଟ ୨୦୦୨ ଅଧୀନରେ ଏକ ଅମ୍ବ୍ରେଲା ସଂଗଠନ ଭାବରେ ସ୍ଥାପିତ ହୋଇଛି ଯାହା ପ୍ରମାଣିତ ଏବଂ ପ୍ରାମାଣିକ ଜୈବିକ ଉତ୍ପାଦର ଉତ୍ପାଦନ, ବିତରଣ ଏବଂ ବିପଣନ ପାଇଁ କାର୍ଯ୍ୟ କରିବ । ଜିଲ୍ଲା, ରାଜ୍ୟ, ଜାତୀୟସ୍ତରର ସଂଘ, ବହୁରାଜ୍ୟ ସମବାୟ ସମିତି ଏବଂ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ସମେତ ପ୍ରାଥମିକରୁ ଜାତୀୟ ସ୍ତରର ସମବାୟ ସମିତି ଏହାର ସଦସ୍ୟ ହୋଇପାରିବେ । ଏହାଦ୍ୱାରା ଜୈବିକ ଉତ୍ପାଦ ଉତ୍ପାଦନ ବୃଦ୍ଧି ପାଇବା ସହ କୃଷକଙ୍କ ଲାଭ ବୃଦ୍ଧି ପାଇବ ।

## (ଚ) ସମବାୟ କ୍ଷେତ୍ରରେ ଶିକ୍ଷା ଓ ପ୍ରଶିକ୍ଷଣ

## ୩୪. ବିଶ୍ୱର ସର୍ବବୃହତ୍ ସମବାୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା

ସମବାୟର ଶିକ୍ଷା, ପ୍ରଶିକ୍ଷଣ, ପରାମର୍ଶ, ଗବେଷଣା ଓ ବିକାଶ ପାଇଁ ଜାତୀୟ ସମବାୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଯୋଜନା କରାଯାଉଛି । ଏହି ବିଶ୍ୱବିଦ୍ୟାଳୟ ପ୍ରଶିକ୍ଷିତ ମାନବ ସମ୍ବଳର ସ୍ଥାୟୀ, ପର୍ଯ୍ୟାପ୍ତ ଏବଂ ଗୁଣାତ୍ମକ ଯୋଗାଣ ସୁନିଶ୍ଚିତ କରିବ ଏବଂ ବର୍ତ୍ତମାନର କର୍ମଚାରୀଙ୍କ ଦକ୍ଷତା ବିକାଶ ପାଇଁ

କାର୍ଯ୍ୟ କରିବ । ସମବାୟ କ୍ଷେତ୍ରରେ ଏହି ବିଶ୍ୱବିଦ୍ୟାଳୟ ପ୍ରଥମ, ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ହେବ ।

**୩୫. ସମବାୟ ଶିକ୍ଷା ଓ ତାଲିମ୍‌ର ନୂଆ ଯୋଜନା**

ସମବାୟ ସମିତିଗୁଡ଼ିକୁ ଏକ ସୁଦୃଢ ଅର୍ଥନୈତିକ ଅନୁଷ୍ଠାନରେ ପରିଣତ କରିବା, ସମବାୟ ଆନ୍ଦୋଳନକୁ ବ୍ୟାପକ ଓ ସୁଦୃଢ କରିବା, ଭାମ୍ନିକମ୍, (VAMNICOM) ଏନସିସିଟି(NCCT) ଓ ଜେସିଟିସି (JCTC) ର ଅଧ୍ୟାପକମାନଙ୍କ ଦକ୍ଷତା ବୃଦ୍ଧି, ସମବାୟ ସମିତିର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଗୁଣାତ୍ମକ ଗବେଷଣା ଓ ଅଧ୍ୟୟନକୁ ପ୍ରୋତ୍ସାହିତ କରିବା ଇତ୍ୟାଦି ପାଇଁ ଏହି ଯୋଜନାର ଆବଶ୍ୟକତା ରହିଛି । ଏ ସଂକ୍ରାନ୍ତରେ ପ୍ରାଥମିକ ଆଲୋଚନା କରାଯିବା ସହ ଆଗାମୀ ୩ ମାସ ମଧ୍ୟରେ ଯୋଜନା ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖାଯାଇଛି ।

**୩୬. ଏନସିସିଟି(NCCT)ମାଧ୍ୟମରେ ପ୍ରଶିକ୍ଷଣ ଓ ସଚେତନତାକୁ ପ୍ରୋତ୍ସାହିତ କରିବା**

ସମବାୟ ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ସ୍ୱୟଂଶାସିତ ସଂସ୍ଥା ଜାତୀୟ ସମବାୟ ପ୍ରଶିକ୍ଷଣ ପରିଷଦ (ଏନସିସିଟି) (NCCT) ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳର ସମବାୟ ବିଭାଗର କର୍ମଚାରୀଙ୍କ ସମେତ ସମଗ୍ର ଦେଶରେ ସମବାୟ ସମିତିର କର୍ମଚାରୀ, ସଦସ୍ୟ ଏବଂ ବୋର୍ଡ ସଦସ୍ୟଙ୍କ ପାଇଁ ସମବାୟ ଶିକ୍ଷା ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିଥାଏ । ଏହା ସମଗ୍ର ଦେଶରେ ଏହାର ୨୦ଟି ସାଙ୍ଗଠନିକ ପ୍ରଶିକ୍ଷଣ ଅନୁଷ୍ଠାନ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥାଏ, ସେଥିମଧ୍ୟରୁ ଭାମିନିକମ୍ (ବୈକୁଣ୍ଠ ମେହେଟ୍ଟା ଜାତୀୟ ସମବାୟ ପରିଚାଳନା ପ୍ରତିଷ୍ଠାନ) ଏକ ଜାତୀୟ ସ୍ତରର ଅନୁଷ୍ଠାନ । ଏହାବ୍ୟତୀତ ୧୪ଟି ରାଜ୍ୟସ୍ତରୀୟ ଓ ୫ଟି ଆଞ୍ଚଳିକ ସ୍ତରର ଅନୁଷ୍ଠାନ ରହିଛି । ସମଗ୍ର ଦେଶରେ ସମବାୟର ସଦସ୍ୟ, ଶ୍ରମିକ ଏବଂ ବୃତ୍ତିଜୀବୀମାନଙ୍କ ପାଇଁ ୧୭୪୦ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଏନସିସିଟି ୨୦୨୨-୨୩ ବର୍ଷରେ ୩୨୮୭ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ଏହାବ୍ୟତୀତ ଏହି ସମୟ ମଧ୍ୟରେ ପରିଷଦ ପ୍ରାୟ ୨,୦୧,୫୦୭ ଅଂଶଧାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛି, ଯାହା ନିର୍ଦ୍ଧାରିତ ୪୩,୫୦୦ ଅଂଶଧାରୀଙ୍କଠାରୁ ପାଞ୍ଚ ଗୁଣ

ଅଧିକ । ସମବାୟ ସମିତି ଗୁଡ଼ିକ ପାଇଁ ସ୍ଥାନୀୟ ଭାଷାରେ ଧନ୍ଦାମୂଳକ ବିକାଶ ଯୋଜନା (ବିଦ୍ୟମାନ ଡିପିଆର ଉପରେ ଆଧାରିତ) ଏନସିସିଟି ମାଧ୍ୟମରେ ପ୍ରସ୍ତୁତ କରାଯାଉଛି ।

## (ଜ) ନୂଆ ଜାତୀୟ ସହଯୋଗ ସମ୍ପାଦନା ନୀତି ସମ୍ପାଦନ ଏବଂ ନୂଆ ଜାତୀୟ ସମବାୟ ଡାଟାବେସ୍ ବିକାଶ

### ୩୭. ନୂତନ ଜାତୀୟ ସହଯୋଗ ନୀତି ପ୍ରଣୟନ

ସହଯୋଗ ମାଧ୍ୟମରେ ସମୃଦ୍ଧିର ଧାରଣାକୁ ସାକାର କରିବା ପାଇଁ ଏକ ନୂତନ ସହଯୋଗ ନୀତି ପ୍ରସ୍ତୁତ କରିବା ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ସୁରେଶ ପ୍ରଭୁଙ୍କ ନେତୃତ୍ୱରେ ବିଭିନ୍ନ ରାଜ୍ୟ ତଥା ଦେଶର ବିଭିନ୍ନ ରାଜ୍ୟର ବିଶେଷଜ୍ଞ ଏବଂ ଅଂଶୀଦାରମାନଙ୍କୁ ନେଇ ଏକ ବହୁବିଭାଗୀୟ ଏବଂ ଜାତୀୟ ସ୍ତରର କମିଟି ଗଠନ କରାଯାଇଛି । ବର୍ତ୍ତମାନ ସୁଦ୍ଧା ବିଶେଷଜ୍ଞ କମିଟିର ୯ଟି ବୈଠକ ଅନୁଷ୍ଠିତ ହୋଇଛି, ଯେଉଁଥିରେ ଅଂଶୀଦାରମାନଙ୍କ ସହ ବିସ୍ତୃତ ଆଲୋଚନା ହୋଇଛି ଏବଂ ନୂତନ  ଜାତୀୟ ସହଯୋଗ ନୀତି ଖୁବ୍‌ଶୀଘ୍ର ପ୍ରସ୍ତୁତ ହେବ ବୋଲି ଆଶା କରାଯାଉଛି ।

### ୩୮. ନୂତନ ଜାତୀୟ ସମବାୟ ଡାଟାବେସ୍ ବିକାଶ

ଏକ ବ୍ୟାପକ, ପ୍ରାମାଣିକ ଏବଂ ଅପଡେଟ୍ ହୋଇଥିବା ଜାତୀୟ ସମବାୟ ଡାଟାବେସ୍ ବିକଶିତ କରିବା କାର୍ଯ୍ୟ ରାଜ୍ୟ ସରକାରଙ୍କ ସହାୟତାରେ ସମବାୟ ମନ୍ତ୍ରଣାଳୟ ଦ୍ୱାରା ପର୍ଯ୍ୟାୟକ୍ରମେ କାର୍ଯ୍ୟ କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ୨୦୨୩ ଫେବୃୟାର ୨୮ ତାରିଖରେ ପ୍ରାଥମିକ କୃଷି ସମବାୟ ସମିତି, ଦୁଗ୍ଧ ଓ ମତ୍ସ୍ୟଚାଷର ପ୍ରାୟ ୨.୬୪ ଲକ୍ଷ ସୋସାଇଟିର ମ୍ୟାପିଂ ଶେଷ ହୋଇଛି । ଦ୍ୱିତୀୟ ପଯ୍ୟାୟରେ ଜାତୀୟ ସମବାୟ ସମିତି ଓ ମହାସଂଘର ମ୍ୟାପିଂ କରାଯାଇଛି । ତୃତୀୟ ପର୍ଯ୍ୟାୟରେ ଅନ୍ୟ ସମସ୍ତ କ୍ଷେତ୍ରର ପ୍ରାୟ ୫.୮ ଲକ୍ଷ ସମବାୟ ସମିତିକୁ ଡାଟାବେସ୍‌ରେ ଅନ୍ତର୍ଭୁକ୍ତ କରାଯାଉଛି, ଯାହାକୁ ୨୦୨୩ ଜୁନ୍ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ।

## (ଝ) ସମବାୟ ସମିତିଗୁଡ଼ିକୁ ଜିଇଏମ୍ (GEM) ପୋର୍ଟାଲରେ 'କ୍ରେତା' ଭାବରେ ଅନ୍ତର୍ଭୁକ୍ତ କରିବା

**୩୯.** ୧ଜୁନ୍, ୨୦୨୨ ରେ ସରକାରୀ ଇ-ମାର୍କେଟ୍ ପ୍ଲେସ୍ (ଜିଇଏମ୍)ରେ ସମବାୟ ସମିତିଗୁଡ଼ିକୁ କ୍ରେତା ରୂପରେ ପଞ୍ଜୀକୃତ କରିବାକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛି । ସମବାୟ ସମିତିଗୁଡ଼ିକ ଏବେ ଜିଇଏମ୍‌ର ଏକକ ପ୍ଲାଟଫର୍ମରେ ସାରା ଦେଶରେ ଉପଲବ୍ଧ ପ୍ରାୟ ୬୦ ଲକ୍ଷ ପ୍ରକୃତ ବିକ୍ରେତା / ସେବା ପ୍ରଦାନକାରୀଙ୍କଠାରୁ କିଣିପାରିବେ । ବର୍ତ୍ତମାନ ସୁଦ୍ଧା ୫୫୦ରୁ ଅଧିକ ସମବାୟ ସମିତିକୁ ଜିଏମ୍ ପୋର୍ଟାଲରେ କ୍ରେତା ଭାବେ ସାମିଲ୍ କରାଯାଇଛି ।

ଏହା ବ୍ୟତୀତ ସମବାୟ ସମିତିଗୁଡ଼ିକୁ ମଧ୍ୟ ଜିଇଏମ୍ ରେ ବିକ୍ରେତା ଭାବେ ପଞ୍ଜିକରଣ କରିବାକୁ ପ୍ରୋତ୍ସାହିତ କରାଯାଉଛି ।

## (ଞ) ଜାତୀୟ ସମବାୟ ଉନ୍ନୟନ ନିଗମ (ଏନ୍‌ସିଡିସି)ର ସମ୍ପ୍ରସାରଣ

**୪୦.** ଏନସିଡିସି ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ "ସ୍ୱୟଂ ଶକ୍ତି ସହକାର", ଦୀର୍ଘମିଆଦୀ କୃଷି ଋଣ ପାଇଁ "ଦୀର୍ଘାବଧି କୃଷକ ସହକାର" ଦୁଗ୍ଧ ପାଇଁ 'ଦୁଗ୍ଧ ସହାୟକ' ଓ ମହିଳା ସମବାୟ ଅନୁଷ୍ଠାନ ପାଇଁ "ନନ୍ଦିନୀ ସହକାର" ଇତ୍ୟାଦି ନୂଆ ଯୋଜନା ଆରମ୍ଭ କରାଯାଇଛି । ୨୦୨୨-୨୩ ଆର୍ଥିକ ବର୍ଷରେ ଏନସିଡିସି ୪୧,୦୨୫ କୋଟି ଟଙ୍କା (ଅସ୍ଥାୟୀ) ଆର୍ଥିକ ସହାୟତା ପ୍ରଦାନ କରିଛି, ଯାହା କି ୨୦୨୧-୨୨ରେ ଦିଆଯାଇଥିବା ୩୪,୨୨୧ କୋଟି ଟଙ୍କା ତୁଳନାରେ ପ୍ରାୟ ୨୦% ଅଧିକ । ସମବାୟ କ୍ଷେତ୍ରକୁ ଅତ୍ୟନ୍ତ ଆବଶ୍ୟକ ପାଣ୍ଠିର ପ୍ରବାହ ବୃଦ୍ଧି କରିବା ପାଇଁ ଏନସିଡିସି ଏହାର ଦକ୍ଷତା ଏବଂ ଭୌଗୋଳିକ ବିସ୍ତାର ବୃଦ୍ଧି କରି ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ବାର୍ଷିକ ପ୍ରାୟ ୩ ଲକ୍ଷ କୋଟି ଟଙ୍କା ଋଣ ବିତରଣକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି । ସମସ୍ତ ରାଜ୍ୟ ଏବଂ ରାଜ୍ୟ ସମବାୟ ସମିତି ଏନ୍‌ସିଡିସିର ଋଣ ଯୋଜନାର ଲାଭ ଉଠାଇପାରିବେ ।

## (ଟ) କେନ୍ଦ୍ରୀୟ ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ସୁଦୃଢ଼ କରିବା

### ୪୧. କେନ୍ଦ୍ରୀୟ ରେଜିଷ୍ଟ୍ରାର କାର୍ଯ୍ୟାଳୟର କମ୍ପ୍ୟୁଟରୀକରଣ

ମଲ୍ଟିଷ୍ଟେଟ୍ କୋ-ଅପରେଟିଭ୍ ସୋସାଇଟି (ଏମ୍.ଏସ୍.ସି.ଏସ୍) ଆଇନ, ୨୦୦୨ ପରିଚାଳନା, କେନ୍ଦ୍ରୀୟ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟର ଦାୟିତ୍ୱ ଅଟେ। ବହୁ ରାଜ୍ୟ ସମବାୟ ସମିତି ପାଇଁ ଡିଜିଟାଲ୍ ଇକୋସିଷ୍ଟମ ସୃଷ୍ଟି କରିବା ପାଇଁ

କେନ୍ଦ୍ରୀୟ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ କମ୍ପ୍ୟୁଟରୀକରଣ କରାଯାଉଛି । ଏହି ସଫ୍ଟୱେୟାର କେନ୍ଦ୍ରୀୟ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଇଲେକଟ୍ରୋନିକ୍ କାର୍ଯ୍ୟ ପ୍ରବାହ ମାଧ୍ୟମରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବେଦନ ଏବଂ ସେବା ଅନୁରୋଧ ପ୍ରକ୍ରିୟାକରଣରେ ସାହାଯ୍ୟ କରିବ । ଏଥିରେ ଓଟିପି ଆଧାରିତ ଉପଭୋକ୍ତା ପଞ୍ଜିକରଣ, ଏମ୍.ଏସ.ସି.ଏସ୍ ଆଇନ୍ ଏବଂ ନିୟମପାଳନ ପାଇଁ ଯାଞ୍ଚ, ଭିସି ମାଧ୍ୟମରେ ଶୁଣାଣି, ପଞ୍ଜିକରଣ ପ୍ରମାଣପତ୍ର ପ୍ରଦାନ ଏବଂ ଅନ୍ୟାନ୍ୟ ଯୋଗାଯୋଗ, ଇଲେକ୍ଟ୍ରୋନିକ୍ ମାଧ୍ୟମରେ ବ୍ୟବସ୍ଥା ରହିବ । ଏହି କମ୍ପ୍ୟୁଟରୀକରଣ ପ୍ରକଳ୍ପ ନୂତନ ଏମ୍.ଏସ୍.ସି.ଏସ୍. ପଞ୍ଜିକରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ସାହାଯ୍ୟ କରିବ ଏବଂ ସେମାନଙ୍କର ବ୍ୟବସାୟ କରିବାର ସହଜତାକୁ ମଧ୍ୟ ପ୍ରୋତ୍ସାହିତ କରିବ ।

### ୪୨. ବହୁରାଜ୍ୟ ସମବାୟ ସମିତି (ସଂଶୋଧନ) ବିଲ୍, ୨୦୨୨

ମଲ୍ଟିଷ୍ଟେଟ୍ କୋଅପରେଟିଭ୍ ସୋସାଇଟି (ସଂଶୋଧନ) ବିଲ୍, ୨୦୨୨ରେ ସଂଶୋଧନ କରିବାକୁ ଲକ୍ଷ୍ୟ ରଖାଯାଇଛି ।

ମଲ୍ଟିଷ୍ଟେଟ୍ କୋ-ଅପରେଟିଭ୍ ସୋସାଇଟି ଆକ୍ଟ ୨୦୦୨ରେ ୯୭ ସମ୍ବିଧାନ ସଂଶୋଧନର ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରାଯିବା ଏବଂ ବହୁରାଜ୍ୟ ସମବାୟ ସମିତିରେ ଶାସନକୁ ସୁଦୃଢ଼ କରିବା, ସ୍ୱଚ୍ଛତା ବୃଦ୍ଧି, ଉତ୍ତରଦାୟିତ୍ୱ ବୃଦ୍ଧି, ନିର୍ବାଚନ ପ୍ରକ୍ରିୟାରେ ଉନ୍ନତି ଆଣିବା ଇତ୍ୟାଦିର ପ୍ରସ୍ତାବ ରଖାଯାଇଛି। ଡିସେମ୍ବର ୭, ୨୦୨୨ରେ ଏହି ବିଲ୍ ଲୋକସଭାରେ ଆଗତ ହୋଇଥିଲା ଏବଂ ଡିସେମ୍ବର ୨୦, ୨୦୨୨ରେ ଉଭୟ ଗୃହର ମିଳିତ ସଂସଦୀୟ କମିଟିକୁ ପଠାଯାଇଥିଲା । ମିଳିତ କମିଟିର ରିପୋର୍ଟ ଅନୁଯାୟୀ ଏହି ବିଲ୍ ଉପରେ ୨୨.୦୩.୨୦୨୩ରେ ଲୋକସଭାରେ ବିଚାର ବିଜ୍ଞପ୍ତି ପ୍ରକାଶ ପାଇଛି। ସଂସଦର ଆଗାମୀ ଅଧିବେଶନରେ ଏହି ବିଲ୍‌କୁ ବିଚାର ଓ ପାରିତ କରିବା ପାଇଁ ଆଗତ କରାଯିବ ।

## ୦) ଅନ୍ୟାନ୍ୟ ପଦକ୍ଷେପ

୪୩. କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (ଏ.ଆର.ଡି.ବି.)ର କମ୍ପ୍ୟୁଟରୀକରଣ

ଦୀର୍ଘମିଆଦୀ ସମବାୟ ଋଣ ଢାଞ୍ଚାକୁ ସୁଦୃଢ଼ କରିବା ପାଇଁ ସମବାୟ ମନ୍ତ୍ରଣାଳୟ ତରଫରୁ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (ଏ.ଆର.ଡି.ବି.)ର କମ୍ପ୍ୟୁଟରୀକରଣ

ପ୍ରକଳ୍ପ ହାତକୁ ନିଆଯାଇଛି । ଏଥିରେ ହାର୍ଡୱେୟାର କ୍ରୟ, ବ୍ୟାପକ ଏ ରପ୍ରାଇଜ୍ ରିସୋର୍ସ ପ୍ଲାନିଂ (ଇ.ଆର.ପି.) ସମାଧାନ, ଡିଜିଟାଇଜେସନ୍, ପ୍ରଶିକ୍ଷଣ ଓ ସହାୟତା ପ୍ରଦାନ ଏବଂ ସଫ୍ଟୱେର ର ରକ୍ଷଣାବେକ୍ଷଣ ଇତ୍ୟାଦି ବିଭିନ୍ନ ଉପାଦାନ ରହିବ । ଏହି ଯୋଜନାରେ ହୋଇଥିବା ଖର୍ଚ୍ଚର ୨୫ ପ୍ରତିଶତ ଏଆରଡିବି ବହନ କରିବେ ଏବଂ ୭୫ ପ୍ରତିଶତ ରାଜ୍ୟ ଓ କେନ୍ଦ୍ରସରକାର ବହନ କରିବେ ଏବଂ ଏଥିରୁ ବିଭିନ୍ନ ଲାଭ ମିଳିବ, ଯେପରିକି ଦକ୍ଷତା ବୃଦ୍ଧି, ଦ୍ରୁତ ଋଣ ବିତରଣ, କାରବାର ଖର୍ଚ୍ଚ ହ୍ରାସ, ସ୍ୱଚ୍ଛତା ବୃଦ୍ଧି ଏବଂ ଦେୟର ଅସନ୍ତୁଳତା ହ୍ରାସ ଇତ୍ୟାଦି ।

## ୪୪. ସାହାରା ଗ୍ରୁପ ଅଫ୍ ସୋସାଇଟିର ନିବେଶକଙ୍କୁ ଟଙ୍କା ଫେରସ୍ତ

ସମବାୟ ମନ୍ତ୍ରଣାଳୟର ଆବେଦନ ଉପରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ୨୯.୦୩.୨୦୨୩ରେ ଆଦେଶ ଦେଇ ସାହାରା ଗ୍ରୁପ୍‌ର ୪ଟି ସମବାୟ ସମିତି (ସାହାରା କ୍ରେଡିଟ୍ କୋଅପରେଟିଭ୍ ଲିମିଟେଡ୍, ସାହାରାନ୍ ୟୁନିଭର୍ସାଲ୍ ମଲ୍ଟିପରପସ୍ ସୋସାଇଟି ଲିମିଟେଡ୍, ଆମ୍ ଇଣ୍ଡିଆ କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି ଲିମିଟେଡ୍ ଏବଂ ଷ୍ଟାର୍ସ ବହୁମୁଖୀ ସମବାୟ ସମିତି ଲିମିଟେଡ୍ ) ର ଜମାକାରୀଙ୍କ ବୈଧ ପ୍ରାପ୍ୟ ପ୍ରଦାନ ପାଇଁ ସାହାରା ସେବି ରିଫଣ୍ଡ ଆକାଉଣ୍ଟରୁ ୫୦୦୦କୋଟି ଟଙ୍କା ବହୁରାଷ୍ଟ୍ରୀୟ ସମବାୟ ସମିତିର କେନ୍ଦ୍ରୀୟ ରେଜିଷ୍ଟ୍ରାରଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ପାଳନ କରି କେନ୍ଦ୍ରୀୟ ରେଜିଷ୍ଟ୍ରାରଙ୍କ ଦ୍ୱାରା ବିତରଣ ନିମନ୍ତେ ଜଷ୍ଟିସ୍ ଶ୍ରୀ ଆର ସୁଭାଷ ରେଡ୍ଡୀ (ଅବସରପ୍ରାପ୍ତ) ଏବଂ ଆଇନଜୀବୀ ଶ୍ରୀ ଗୌରବ ଅଗ୍ରୱାଲଙ୍କ ତତ୍ତ୍ୱାବଧାନ ଏବଂ ତଦାରଖରେ ଏକ ସ୍ୱଚ୍ଛ ଡିଜିଟାଲ୍ ବ୍ୟବସ୍ଥା (ପୋର୍ଟାଲ୍) ବିକଶିତ କରିବା ପାଇଁ ଷ୍ଟକହୋଲ୍ଡିଂ ଡକ୍ୟୁମେଣ୍ଟ୍ ମ୍ୟାନେଜ୍‌ମେଣ୍ଟ୍ ସର୍ଭିସେସ୍ ଲିମିଟେଡ୍ (ଏସ.ସି.ଏମ୍.ଏସ୍.ଏଲ୍)କୁ ନିୟୋଜିତ କରାଯାଇଛି । ଟଙ୍କା ଫେରସ୍ତ ପ୍ରକ୍ରିୟାର ତଦାରଖ ପାଇଁ ଉପରୋକ୍ତ ପ୍ରତ୍ୟେକ କମିଟି ପାଇଁ କେନ୍ଦ୍ରୀୟ ରେଜିଷ୍ଟ୍ରାରଙ୍କ ଦ୍ୱାରା ୪ଜଣ ଅଧିକାରୀ ଅନ୍ ସ୍ପେଶାଲ୍ ଡ୍ୟୁଟି (ଓଏସ୍‌ଡି) ନିଯୁକ୍ତି କରାଯାଇଛି । ପୋର୍ଟାଲ୍ ଜରିଆରେ ସମ୍ପୃକ୍ତ ଜମାକାରୀଙ୍କ ଜମା ଓ ଦାବିର ପ୍ରମାଣ ଉପଯୁକ୍ତ ଭାବେ ଚିହ୍ନଟ କରି ଦାଖଲ କରିବା ପରେ ସ୍ୱଚ୍ଛ ଢଙ୍ଗରେ ଜମାକାରୀଙ୍କ ବ୍ୟାଙ୍କ ଖାତାକୁ ଦେୟ ପ୍ରଦାନ କରାଯିବ । ଏହି ପୋର୍ଟାଲ୍ ଜରିଆରେ ଟଙ୍କା ଫେରସ୍ତ ପାଇଁ ଆବେଦନ

କରିବାକୁ କେନ୍ଦ୍ରୀୟ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ଖୁବଶୀଘ୍ର ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିବାକୁ ଯାଉଛି।

**୪୫. ରାଜ୍ୟ / କେନ୍ଦ୍ର ଶାସିତ ଅଞ୍ଚଳରେ ସମବାୟ ସମିତି ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ କମ୍ପ୍ୟୁଟରୀକରଣ ପାଇଁ ଯୋଜନା ।**

ସମବାୟ ସମିତିଗୁଡ଼ିକ ପାଇଁ ବ୍ୟବସାୟ କରିବାରେ ସହଜତା ବୃଦ୍ଧି କରିବା ଏବଂ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱଚ୍ଛ କାଗଜବିହୀନ ନିୟନ୍ତ୍ରଣ ପାଇଁ ଏକ ଡିଜିଟାଲ୍ ଇକୋସିଷ୍ଟମ ସୃଷ୍ଟି କରିବା ପାଇଁ ସମବାୟ ମନ୍ତ୍ରଣାଳୟ ଦ୍ୱାରା ରାଜ୍ୟ ରେଜିଷ୍ଟ୍ରାର କାର୍ଯ୍ୟାଳୟଗୁଡ଼ିକର କମ୍ପ୍ୟୁଟରୀକରଣ ପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଇଛି । ଏହି ଯୋଜନା ଅଧିନରେ ବିକଶିତ ସଫ୍ଟୱେୟାର ସମ୍ପୃକ୍ତ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳର ସମବାୟ ଆଇନ୍ ଉପରେ ଆଧାରିତ ହେବ । ମନ୍ତ୍ରଣାଳୟ ଏହି ଯୋଜନା ପ୍ରସ୍ତୁତ କରିବା ପାଇଁ ସମସ୍ତ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳର ରେଜିଷ୍ଟ୍ରାରଙ୍କ ସହ ଆଲୋଚନା କରୁଛି ଏବଂ ଖୁବ୍ ଶୀଘ୍ର ଏହା ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଭାବରେ ପ୍ରସ୍ତାବିତ ହେବ।